# ଓଡିଶାରେ ଗ୍ରାମପଞ୍ଚାୟତ ସ୍ତରରେ ଅର୍ଥ ଓ ହିସାବ ପରିଚାଳନା

## ଅଧ୍ୟାୟ - ୧

## ଓଡିଶାରେ ଗ୍ରାମପଞ୍ଚାୟତର ଆର୍ଥିକ ଦୃଶ୍ୟପଟ

### ୧.୧ ପଞ୍ଚାୟତର ସଶକ୍ତୀକରଣ ଦିଗରେ ଯୁଗାନ୍ତକାରୀ ୭୩ତମ ସଂଶୋଧନ ଓ ପେସା-

ଏଥିରେ ସନ୍ଦେହ ନାହିଁ ଯେ, ବର୍ତ୍ତମାନ ଓଡିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ପଞ୍ଚାୟତିରାଜ ସଂସ୍ଥାଗୁଡିକର ଯେଉଁ ସ୍ଥିତି, ଶକ୍ତି ଓ ଗତିଶୀଳତା ଦେଖିପାରୁଛୁ, ତାହା ମୂଳତଃ ୧୯୯୨ ମସିହାର ୭୩ତମ ସଂବିଧାନ ସଂଶୋଧନ ଫଳରେ ସମ୍ଭବ ହୋଇପାରିଛି, କାରଣ ଏହା ପୂର୍ବରୁ ସ୍ଥଳ ବିଶେଷରେ ତ୍ରିସ୍ତରୀୟ ନିର୍ବାଚିତ ପଞ୍ଚାୟତ ବ୍ୟବସ୍ଥା (ଗ୍ରାମ ପଞ୍ଚାୟତ, ମଧ୍ୟବର୍ତ୍ତୀ ପଞ୍ଚାୟତ ବା ପଞ୍ଚାୟତ ସମିତି ଓ ଜିଲ୍ଲା ପଞ୍ଚାୟତ ବା ଜିଲ୍ଲା ପରିଷଦ) ପ୍ରଚଳିତ ଥିଲେ ହେଁ, ସେଗୁଡିକର କାର୍ଯ୍ୟକାଳରେ ସ୍ଥାୟିତ୍ୱ, ଆବଶ୍ୟକ ମୁତାବକ ନିଜସ୍ୱ କର୍ମଚାରୀ ଓ ସମ୍ବଳ ଭଣ୍ଡାର ନଥିଲା । ସମ୍ବିଧାନର ୪ର୍ଥ ଅଧ୍ୟାୟ- ରାଷ୍ଟ୍ରନୀତି ପ୍ରଣୟନ ପାଇଁ ନିର୍ଦ୍ଦେଶାବଳୀ- ଅଧୀନସ୍ଥ ଧାରା-୪୦ରେ ଗ୍ରାମପଞ୍ଚାୟତକୁ ଶାସନ-ବ୍ୟବସ୍ଥାର ସ୍ୱୟଂ-ଚାଳିତ ସଂସ୍ଥା ରୂପେ ଗଢି ତୋଳିବା ପାଇଁ ଅଙ୍ଗୀକାର ସ୍ଥାନିତ ହୋଇଥିଲେ ହେଁ କେବଳ ଗ୍ରାମପଞ୍ଚାୟତ ନୁହେଁ, ସବୁ ସ୍ତରର ପଞ୍ଚାୟତୀ ସଂସ୍ଥାଗୁଡିକର ସାଂଗଠନିକ ଓ ଆର୍ଥିକ ସ୍ଥିତି ତଥା କ୍ରିୟାଶୀଳତା ବସ୍ତୁତଃ ରାଜ୍ୟମାନଙ୍କର ରାଜନୈତିକ ଦୃଷ୍ଟିଭଙ୍ଗୀ ଓ ଅନୁଦାନ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭରଶୀଳ ଥିଲା । ଏହା ଫଳରେ ଗ୍ରାମପଞ୍ଚାୟତ ଗୁଡିକ ଲୋକମାନଙ୍କ ପାଇଁ, ଏବଂ ଲୋକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ସଂସ୍ଥା ହୋଇଥିଲେ ହେଁ ସଂପୃକ୍ତ ବିଧିବିଧାନରେ ସେମାନଙ୍କ ଉପରେ ନ୍ୟସ୍ତ ଥିବା ବହୁବିଧ ଲୋକାଭିମୁଖୀ ଦାୟିତ୍ୱ (ଯଥା ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ ଅଧୀନରେ ବାଧ୍ୟତାମୂଳକ ଓ ସ୍ୱୈଚ୍ଛିକ କାର୍ଯ୍ୟସମୂହ) ସଂପାଦନ କରିବା ପାଇଁ ସମର୍ଥ ନଥିଲେ । କିନ୍ତୁ ୭୩ତମ ସଂବିଧାନ ସଂଶୋଧନ ଯୋଗୁଁ ସେମାନଙ୍କର କାର୍ଯ୍ୟକାଳରେ ସ୍ଥିରତା ଆସିବା ସହିତ ଆବଶ୍ୟକୀୟ ମାନବ ସମ୍ବଳ ଏବଂ ଆର୍ଥିକ ସମ୍ବଳକୁ ଆହରଣ କରିବା ତଥା ସ୍ୱୟଂଚାଳିତ ଢଙ୍ଗରେ ସେଗୁଡିକର ପରିଚାଳନା ପାଇଁ ବାଟ ଫିଟିଲା । ଆଦିବାସୀ ବହୁଳ ଅଞ୍ଚଳମାନଙ୍କରେ ବଜାୟ ରହିଥିବା ବିଶେଷ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଦୃଶ୍ୟପଟରେ ଗ୍ରାମସଭା ଓ ଗ୍ରାମପଞ୍ଚାୟତ ସ୍ଥାନୀୟ ବାସିନ୍ଦାମାନଙ୍କର ଆଶା ଓ ଆକାଂକ୍ଷାର ପୂରଣ କରିବାରେ କିପରି ଅଧିକ ପ୍ରଭାବଶାଳୀ ଅଥଚ ସ୍ୱୟଂକ୍ରୀୟ ଭୂମିକା ପାଳନ କରିପାରିବେ, ସେଥିପାଇଁ ପ୍ରଣୀତ ହେଲା ଅନୁସୂଚୀତ ଅଞ୍ଚଳରେ ପଞ୍ଚାୟତ ସଂପ୍ରସାରଣ ଆଇନ୍ ୧୯୯୬ ବା ସଂକ୍ଷେପରେ 'ପେସା' । ଏହା ମଧ୍ୟ ଓଡିଶା ଭଳି ଆଦିବାସୀ ଅଧ୍ୟୁଷିତ ରାଜ୍ୟମାନଙ୍କ ପାଇଁ ପଞ୍ଚାୟତିରାଜ କ୍ଷେତ୍ରରେ ୭୩ତମ ସଂଶୋଧନ ପରେ ଆଉ ଏକ ମାଇଲ୍ ଖୁଣ୍ଟ ।

### ୧.୨ ପଞ୍ଚାୟତର ଆର୍ଥିକ ସଶକ୍ତୀକରଣ ପାଇଁ ସାଂବିଧାନିକ ବ୍ୟବସ୍ଥାସମୂହ-

୭୩ତମ ସଂବିଧାନ ସଂଶୋଧନ ଫଳରେ ସଂବିଧାନରେ ଯୋଡାଯାଇଥିବା ଭାଗ-୯ (ପଞ୍ଚାୟତସମୂହ) ଅଧୀନରେ ଧାରା ୨୪୩ ରୁ ଆରମ୍ଭ କରି ଧାରା ୨୪୩(ଓ) ପର୍ଯ୍ୟନ୍ତ ମୋଟ ୧୬ଟି ଧାରା ରହିଛି । ଏହା ମଧ୍ୟରେ ନିମ୍ନୋକ୍ତ ୪ଟି ଧାରା ପଞ୍ଚାୟତର ଆର୍ଥିକ ସ୍ଥିତି ସହିତ ପ୍ରତ୍ୟକ୍ଷଭାବେ ସଂପର୍କୀତ-

(କ)**ଧାରା ୨୪୩(ଜି)**- ଆର୍ଥିକ ଉନ୍ନୟନ ଓ ସାମାଜିକ ନ୍ୟାୟ ଉଦ୍ଦେଶ୍ୟରେ ପଞ୍ଚାୟତମାନେ ଯେପରି ବିଭିନ୍ନ ଯୋଜନାକୁ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବାରେ ସମର୍ଥ ହେବେ, ସେଥିପାଇଁ ରାଜ୍ୟସରକାର ଆବଶ୍ୟକୀୟ ବିଧିବିଧାନ

ପ୍ରଣୟନ କରିବେ । ଏହି ଧାରା ଅନୁଯାୟୀ ସମ୍ବିଧାନରେ ଜନଜୀବନର ସାମାଜିକ-ଆର୍ଥିକ ଦିଗକୁ ପ୍ରଭାବିତ କରୁଥିବା ୨୯ଟି ବିଷୟର ଏକ ତାଲିକାକୁ ସ୍ଥାନିତ କରି ଏକ ନୂଆ ଅନୁସୂଚୀ (ଏକାଦଶ ଅନୁସୂଚୀ) ଯୋଡାଗଲା ।

**(ଖ) ଧାରା ୨୪୩(ଏଚ୍)-** ପଞ୍ଚାୟତମାନଙ୍କର ସମ୍ବଳ ବୃଦ୍ଧି ପାଇଁ ସେମାନେ କେଉଁସବୁ ଟିକସ ପ୍ରବର୍ତ୍ତନ ଓ ସଂଗ୍ରହ କରିପାରିବେ, ରାଜ୍ୟଦ୍ୱାରା ସଂଗୃହୀତ ଟିକସ ଆୟରୁ ସେମାନଙ୍କୁ କେତେ ଅର୍ଥରାଶି ମିଳିବ, ରାଜ୍ୟର ଏକତ୍ରୀଭୂତ ପାଣ୍ଠିରୁ ସେମାନଙ୍କୁ କେଉଁସବୁ ଅନୁଦାନ ମିଳିବ ତଥା ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ପ୍ରତିଷ୍ଠା ବିଷୟରେ ପ୍ରତି ରାଜ୍ୟସରକାର ଆବଶ୍ୟକୀୟ ବିଧିବିଧାନ ଗଢିବେ ।

**(ଗ) ଧାରା ୨୪୩(ଆଇ)-** ପଞ୍ଚାୟତମାନଙ୍କର ଆର୍ଥିକ ସ୍ଥିତିକୁ ସମୀକ୍ଷା କରି ତହିଁର ଉତ୍ତରୋତ୍ତର ଅଭିବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ଟିକସ, ଅନୁଦାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆବଶ୍ୟକୀୟ ସଂସ୍କାର ଆଣିବା ପାଇଁ ସୁପାରିଶ୍ ଦେବା ସକାଶେ ରାଜ୍ୟ ସରକାର ପ୍ରତି ୫ବର୍ଷରେ ଗୋଟିଏ ରାଜ୍ୟ ଅର୍ଥ କମିଶନ୍ ଗଠନ କରିବେ ।

**(ଘ) ଧାରା ୨୪୩(ଜେ)-** ସଠିକ୍ ରୀତିରେ ପଞ୍ଚାୟତମାନେ ଯେପରି ନିଜର ହିସାବପତ୍ର ପରିଚାଳନା କରିପାରିବେ ତଥା ସେହି ହିସାବପତ୍ରର ନିୟମିତ ସମୀକ୍ଷା ହୋଇ ପାରିବ ସେଥି ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ବିଧିବିଧାନ ପ୍ରଣୟନ କରିବେ ।

### ୧.୩ ୨୯ ବିଷୟକୁ ପଞ୍ଚାୟତର ନିୟନ୍ତ୍ରଣାଧୀନ କରିବା ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ-

ପୂର୍ବରୁ ଦର୍ଶିତ ହୋଇଛି ଯେ, ୭୩ତମ ସଂଶୋଧନ ଫଳରେ ସମ୍ବିଧାନରେ ସ୍ଥାନିତ ହୋଇଥିବା ଧାରା ୨୪୩(ଜି) ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ନ୍ୟାୟ ସହିତ ଏକାଦଶ ଅନୁସୂଚୀରେ ବର୍ଣ୍ଣିତ ୨୯ଗୋଟି ବିଷୟକୁ ପରିଚାଳନା କରିବା ପାଇଁ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଆଇନ୍ ବଳରେ କ୍ଷମତାର୍ପଣ କରିବା ସକାଶେ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ୨୯ଟି ବିଷୟ ହେଲା -

(୧) କୃଷି ସଂପ୍ରସାରଣ ସହିତ କୃଷି

(୨) ଜମିର ଉନ୍ନତୀକରଣ, ଭୁ-ସଂସ୍କାର, ଜମି ଚକବନ୍ଦୀ ଏବଂ ମୃତ୍ତିକା ସଂରକ୍ଷଣ

(୩) କ୍ଷୁଦ୍ର ଜଳସେଚନ, ଜଳ ପରିଚାଳନା ଏବଂ ଜଳଛାୟାର ବିକାଶ

(୪) ପଶୁପାଳନ, ଗୋପାଳନ ଏବଂ କୁକୁଡ଼ା ପାଳନ

(୫) ମତ୍ସ୍ୟ ଚାଷ

(୬) ସାମାଜିକ ବନୀକରଣ ଏବଂ କୃଷି ବନୀକରଣ

(୭) ଲଘୁ ବନଜାତ ସାମଗ୍ରୀ

(୮) ପ୍ରକ୍ରିୟାଗତ ଖାଦ୍ୟ ପ୍ରସ୍ତୁତି ସମେତ ଲଘୁ ଉଦ୍ୟୋଗସମୂହ

(୯) ଖଦି, ଗ୍ରାମ୍ୟ ଓ କୁଟୀର ଶିଳ୍ପ

(୧୦) ଗ୍ରାମ୍ୟ ଗୃହନିର୍ମାଣ

(୧୧) ପାନୀୟ ଜଳ

(୧୨)	ଜାଳେଣୀ ଏବଂ ପଶୁଖାଦ୍ୟ

(୧୩)	ରାସ୍ତା, କଲଭର୍ଟ, ପୋଲ, ଜଳଘାଟ ଏବଂ ଅନ୍ୟାନ୍ୟ ଯୋଗାଯୋଗ ବ୍ୟବସ୍ଥା

(୧୪)	ବିଦ୍ୟୁତ ବଣ୍ଟନ ସମେତ ଗ୍ରାମୀଣ ବିଦ୍ୟୁତୀକରଣ

(୧୫)	ଅଣ-ପାରମ୍ପାରିକ ଶକ୍ତି

(୧୬)	ଦାରିଦ୍ର୍ୟ ଦୂରୀକରଣ ଯୋଜନା

(୧୭)	ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ସମେତ ଶିକ୍ଷା

(୧୮)	ବୈଷୟିକ ପ୍ରଶିକ୍ଷଣ ଓ ଧନ୍ଦାମୂଳକ ଶିକ୍ଷା

(୧୯)	ପ୍ରୌଢ଼ ଓ ଅଣ-ଆନୁଷ୍ଠାନିକ ଶିକ୍ଷା

(୨୦)	ପାଠାଗାର

(୨୧)	ସାଂସ୍କୃତିକ କାର୍ଯ୍ୟକ୍ରମ

(୨୨)	ହାଟ ଏବଂ ମେଳା

(୨୩)	ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଚିକିତ୍ସାକେନ୍ଦ୍ର ସମେତ ସ୍ୱାସ୍ଥ୍ୟ ଏବଂ ପରିମଳ

(୨୪)	ପରିବାର କଲ୍ୟାଣ

(୨୫)	ମହିଳା ଏବଂ ଶିଶୁ ବିକାଶ

(୨୬)	ବିକଳାଙ୍ଗ ଏବଂ ମାନସିକ ଅନଗ୍ରସରଙ୍କ କଲ୍ୟାଣ ସମେତ ସମାଜ କଲ୍ୟାଣ

(୨୭)	ଦୁର୍ବଳ ଜନଗୋଷ୍ଠୀମାନଙ୍କର କଲ୍ୟାଣ, ବିଶେଷ କରି ଅନୁସୂଚୀତ ଜାତି ଓ ଜନଜାତିସମୂହର କଲ୍ୟାଣ

(୨୮)	ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା

(୨୯)	ସର୍ବସାଧାରଣ ସଂପତ୍ତିର ରକ୍ଷଣାବେକ୍ଷଣ

ଏଠାରେ ଉଲ୍ଲେଖନୀୟ ଯେ, ଉପରୋକ୍ତ ବିଷୟଗୁଡିକୁ ପଞ୍ଚାୟତର ନିୟନ୍ତ୍ରଣକୁ ହସ୍ତାନ୍ତର କରିବା ଦିଗରେ ଓଡିଶାର ପଞ୍ଚାୟତିରାଜ ସଂପର୍କୀତ ବିଭିନ୍ନ ଆଇନ୍‌ରେ କେତେକ ସଂଶୋଧନ ଅଣାଯିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ପ୍ରଶାସନିକ ନିର୍ଦ୍ଦେଶାବଳୀ ଜାରି ହୋଇଛି । ଉଦାହରଣ ସ୍ୱରୂପ, ୨୦୦୪ ମସିହାରେ ଏକ ସଂଶୋଧନ ବଳରେ ଓ.ଗ୍ରା.ପ.ଆଇନ୍‌ର ଧାରା ୪୪(ଅବଶ୍ୟ-ପାଳନୀୟ କାର୍ଯ୍ୟାବଳୀ) ଅଧୀନରେ ନୂଆ କରି ଯୋଡା ଯାଇଥିବା ଉପଧାରା (୩)ରେ କୁହାଗଲା ଯେ, ଗ୍ରାମ ପଞ୍ଚାୟତ ନିଜର ସୀମିତ ସମ୍ବଳ ଭିତରେ ଆର୍ଥିକ ଉନ୍ନୟନ ତଥା ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରଣୟନ କରିବ ତଥା ସମ୍ବିଧାନର ଏକାଦଶ ଅନୁସୂଚୀରେ ଥିବା ୨୯ଟି ବିଷୟ ସମେତ ଉକ୍ତ ଯୋଜନାକୁ କାର୍ଯ୍ୟରୂପ ଦେବ ।

ପୁଣି ଓଡିଶାର ମୁଖ୍ୟ ଶାସନ ସଚିବ ତାଙ୍କର ପରିପତ୍ର ସଂଖ୍ୟା ଆଇ-ପି. ଏସ୍.-୨-୨୦୦୩-୬୮୮୬/ପି.ଏସ୍. ତାରିଖ ୪.୭.୨୦୦୩ରେ ଘୋଷଣା କଲେ ଯେ, ସମ୍ବିଧାନର ଏକାଦଶ ଅନୁସୂଚୀରେ ବର୍ଣ୍ଣିତ ମୋଟ୍ ୨୯ଟି ବିଷୟ ଭିତରୁ ୨୧ଟି ବିଷୟ ଉପରେ କ୍ଷମତାକୁ ପଞ୍ଚାୟତିରାଜ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି । ଯେଉଁ ବିଭାଗଗୁଡିକରୁ ଉକ୍ତ କ୍ଷମତା ହସ୍ତାନ୍ତରିତ ହେଲା, ସେଗୁଡିକ ହେଲା- (୧) କୃଷି, (୨) ସମବାୟ, (୩) ବିଦ୍ୟାଳୟ ଓ ଗଣଶିକ୍ଷା, (୪) ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, (୭) ମହିଳା ଓ ଶିଶୁ ବିକାଶ, (୮) ମତ୍ସ୍ୟ ଓ ପଶୁ ସଂପଦ, (୯) ଗ୍ରାମ୍ୟ ଉନ୍ନୟନ,

(୧୦) ପଞ୍ଚାୟତିରାଜ, ଓ (୧୧) ଜଳ ସଂପଦ । ଏହି ୧୧ଟି ବିଭାଗର ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଓ ଗ୍ରାମ୍ୟ କର୍ମଚାରୀମାନଙ୍କ ଉପରେ ନିୟନ୍ତ୍ରଣ କ୍ଷମତା ଯଥାକ୍ରମେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି । କିନ୍ତୁ ଦ୍ୱିତୀୟ ରାଜ୍ୟ ଅର୍ଥ କମିଶନ୍ ତାଙ୍କ ରିପୋର୍ଟ (୨୦୦୪) ଉକ୍ତ କ୍ଷମତା ହସ୍ତାନ୍ତର ସଂପର୍କୀତ ସର୍କୁଲାର୍‌କୁ ସବିଶେଷ ଭାବେ ଆଲୋଚନା କରି ମନ୍ତବ୍ୟ ଦେଇଛନ୍ତି ଯେ, ଏହାର କୌଣସି ବାସ୍ତବ ପ୍ରଭାବ ସଂପୃକ୍ତ ପ୍ରସାସନିକ ବିଭାଗମାନଙ୍କ ଉପରେ ପଡିନି । ତେଣୁ ସୀମିତ ଅର୍ଥରେ ଯେତିକି ବି ବିଭାଗୀୟ କ୍ଷମତା ପଞ୍ଚାୟତକୁ ହସ୍ତାନ୍ତର ହୋଇଛି ବୋଲି ସର୍କୁଲାର୍ ଦାବୀ କରିଛି, ତାକୁ ବାସ୍ତବ ରୂପ ଦେବା ପାଇଁ କମିଶନ୍ ରାଜ୍ୟ ସରକାରଙ୍କୁ ଆହ୍ୱାନ୍ କରିଛନ୍ତି ।

କିନ୍ତୁ ମନେରଖିବାକୁ ପଡିବ, ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଏକ ଲଗାତାର ପ୍ରକ୍ରିୟା, ଯାହାକି ଏବେ ବି ଜାରି ରହିଛି ଏବଂ ଭବିଷ୍ୟତରେ ବେଶ୍ କାଳ ପାଇଁ ଚାଲୁ ରହିବ, ଯେ ପର୍ଯ୍ୟନ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ବିଶେଷ କରି ଗ୍ରାମଶାସନ ପ୍ରକୃତ ଅର୍ଥରେ ଏକ ସ୍ୱାବଲମ୍ବୀ ଓ ସ୍ୱୟଂ-ଚାଳିତ ସଂସ୍ଥା ରୂପେ ମୁଣ୍ଡ ନ ଟେକିଛି ।

## ୧.୪ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଗ୍ରାମସଭାକୁ କ୍ଷମତା ଅର୍ପଣ ପାଇଁ 'ପେସା'ର ନିର୍ଦ୍ଦେଶ-

ଦେଶର ୮ଟି ଆଦିବାସୀ ଅଧ୍ୟୁଷିତ ରାଜ୍ୟ, ଯଥା ଆନ୍ଧ୍ର ପ୍ରଦେଶ, ବିହାର, ଗୁଜୁରାତ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ, ଯେଉଁଠି ସମ୍ବିଧାନ-ସ୍ୱୀକୃତ ୫ମ ଅନୁସୂଚୀ ଅଞ୍ଚଳମାନ ଅବସ୍ଥିତ, ସେମାନଙ୍କ ପାଇଁ ପେସା ବା ଅନୁସୂଚୀତ ଅଞ୍ଚଳରେ ପଞ୍ଚାୟତ ସଂପ୍ରସାରଣ ଆଇନ୍ ୧୯୯୬ ପ୍ରଯୁଜ୍ୟ । ଏହି ଆଇନ୍ ଅଧୀନରେ ଆଦିବାସୀମାନଙ୍କର ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଥିବା କେତେକ ମୌଳିକ କ୍ଷେତ୍ରରେ ଗ୍ରାମସଭାକୁ ନିମ୍ନୋକ୍ତ କ୍ଷମତା ପ୍ରଦାନ କରିବା ପାଇଁ ଉପଯୁକ୍ତ ବିଧିନିଧାନ ଗଢିବା ସକାଶେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି-

- ଲଘୁ ବନଜାତ ସାମଗ୍ରୀସମୂହର ମାଲିକାନା
- ଉନ୍ନୟନ ଯୋଜନାସମୂହକୁ ଅନୁମୋଦନ ପ୍ରଦାନ
- ବିଭିନ୍ନ କାର୍ଯ୍ୟକ୍ରମଗୁଡିକର ହିତାଧିକାରୀ ଚୟନ
- ଜମି ଅଧିଗ୍ରହଣ ପୂର୍ବରୁ ଗ୍ରାମସଭା ଠାରୁ ପରାମର୍ଶ ଗ୍ରହଣ
- କ୍ଷୁଦ୍ର ଜଳସୋତ୍ର ଗୁଡିକର ପରିଚାଳନା
- ଲଘୁ ଖଣିଜ ଦ୍ରବ୍ୟର ନିୟନ୍ତ୍ରଣ
- ମାଦକଦ୍ରବ୍ୟର ନିଷେଧ ଓ ନିୟନ୍ତ୍ରଣ
- ଆଦିବାସୀମାନଙ୍କ ଠାରୁ ଜମି ହସ୍ତାନ୍ତରଣକୁ ନିଷେଧ ଏବଂ ସେମାନଙ୍କ ଠାରୁ ହସ୍ତାନ୍ତରିତ ହୋଇଥିବା ଜମିକୁ ସେମାନଙ୍କୁ ଫେରସ୍ତ ଦେବା
- ଗ୍ରାମ ହାଟର ପରିଚାଳନା
- ଆଦିବାସୀମାନଙ୍କୁ ଋଣ ଦେବାର କାରବାରକୁ ନିୟନ୍ତ୍ରଣ
- ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ସଂସ୍ଥା ଓ କାର୍ଯ୍ୟନିର୍ବାହୀମାନଙ୍କ ଉପରେ ନିୟନ୍ତ୍ରଣ

ଏଠାରେ ଉଲ୍ଲେଖନୀୟ ଯେ, 'ପେସା' ଡିସେମ୍ବର ୧୯୯୬ରେ ଭାରତର ସଂସଦ ଦ୍ୱାରା ଗୃହୀତ ହୋଇଥିଲା । ଏହି ଆଇନ୍‌ରେ କୁହାଯାଇଥିଲା ଯେ, ଆଇନ୍ ପ୍ରଣୟନ ହେବାର ୧ ବର୍ଷ ଭିତରେ ସଂପୃକ୍ତ ରାଜ୍ୟମାନେ ନିଜ ନିଜର ପଞ୍ଚାୟତୀ

ଆଇନ୍‌ରେ ଏହା ସହିତ ସଂଗତିଶୀଳ ହେଉଥିବା ବ୍ୟବସ୍ଥାମାନ ସ୍ଥାନିତ କରିବା ପାଇଁ ନୂତନ ଆଇନ୍ ପ୍ରଣୟନ କରିବେ ନଚେତ୍ ପ୍ରଚଳିତ ଆଇନ୍‌ରେ ସଂଶୋଧନ ଆଣିବେ ।

ଓଡିଶା ସରକାର ପ୍ରଚଳିତ ଆଇନ୍‌ରେ କେତେକ ସଂଶୋଧନ ଆଣିଛନ୍ତି, ଯଥା ୨୦୦୪ରେ ଓ.ଗ୍ରା.ପ.ଆଇନ୍‌ର ସଂଶୋଧନ କରାଯାଇ ଧାରା ୫(୬)ରେ କୁହାଯାଇଛି ଯେ, ଅନୁସୂଚୀତ ଅଞ୍ଚଳଗୁଡିକରେ ଲୋକମାନଙ୍କର ପ୍ରଥା ଓ ପରମ୍ପରା, ସାଂସ୍କୃତିକ ଅସ୍ମିତା, ଗୋଷ୍ଠୀ ସମ୍ପଦ, ତଥା ବିବାଦ ଫଇସଲାର ପାରମ୍ପରିକ ପଦ୍ଧତି ବଜାୟ ରଖିବା ପାଇଁ ଗ୍ରାମସଭା ହକ୍‌ଦାର୍ ରହିବ । କିନ୍ତୁ ମନେରଖିବାକୁ ପଡିବ ଯେ, ‘ପେସା’ ସହିତ ପ୍ରଚଳିତ ବିଧିବିଧାନର ସଂଗତୀକରଣ ଏକ ନିରନ୍ତର ଓ ଦୀର୍ଘମିଆଦି ପ୍ରକ୍ରିୟା ହୋଇଥିବାରୁ ଏହି କାର୍ଯ୍ୟ ଏବେ ବି ଚାଲୁ ରହିଛି ଏବଂ ନିକଟ ଭବିଷ୍ୟତରେ ମଧ୍ୟ ଚାଲୁ ରହିବ ।

## ୧.୫ ଓଡିଶାରେ ପଞ୍ଚାୟତିରାଜର ବିକାଶ –

ପୂର୍ବରୁ ସୂଚୀତ ହୋଇଛି ଯେ, ୭୩ତମ ସମ୍ବିଧାନ ସଂଶୋଧନର ବହୁ ପୂର୍ବରୁ ଓଡିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ଚାଲୁ ରହିଥିଲା । ସ୍ୱାଧୀନତା ପରେ ପରେ ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୪୮ ଓ ତା’ର କିଛିବର୍ଷ ପରେ ଓଡିଶା ଅଞ୍ଚଳ ଶାସନ ଆଇନ୍ ୧୯୫୫ ଗୃହୀତ ହୋଇଥିଲା । କିନ୍ତୁ ୧୯୫୭ରେ ବଳବନ୍ତରାୟ ମେହେଟା କମିଟିଙ୍କ ତ୍ରିସ୍ତରୀୟ ପଞ୍ଚାୟତିରାଜ ସୁପାରିଶ୍ ପରେ ଅଞ୍ଚଳ ଶାସନ ଆଇନ୍ ୧୯୫୭ରେ ପ୍ରତ୍ୟାହାର ହୋଇଗଲା । ବିସ୍ମୟକର ଲାଗିଲେ ବି ଏହା ସତ, ୧୯୬୧ ମସିହାରେ ଓଡିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ପାଇଁ ନିର୍ବାଚନ ହୋଇଥିଲା । ଏହାର କିଛି ବର୍ଷ ପରେ ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ ଓ ନିୟମାବଳୀ ୧୯୬୮ ଗୃହୀତ ହେଲା, ଯାହା କି ଏବେ ବି ଓଡିଶାର ପଞ୍ଚାୟତିରାଜ କ୍ଷେତ୍ରରେ ଏକ ମୌଳିକ ଆଇନ୍ ରୂପେ କାର୍ଯ୍ୟ କରୁଛି । ସେବେଠାରୁ ଏହି ଆଇନ୍ ବହୁବାର ସଂଶୋଧନ ହୋଇଛି ଏବଂ ବିଶେଷ କରି ୭୩ତମ ସଂବିଧାନ ସଂଶୋଧନ ପରେ ସାଂବିଧାନିକ ଅଙ୍ଗୀକାର ସହିତ ବୈଧାନିକ ସଂଗତୀକରଣ ଉଦ୍ଦେଶ୍ୟରେ ଏହାର କେତେକ ନିର୍ଦ୍ଦିଷ୍ଟ ସଂଶୋଧନ ଘଟାଯାଇଛି ।

ଯାହା ହେଉନା କାହିଁକି, ସ୍ୱାଧୀନୋତ୍ତର କାଳରେ ଓଡିଶାର ପଞ୍ଚାୟତିରାଜ ସଂସ୍ଥାଗୁଡିକର ବ୍ୟାପକ ସଂଖ୍ୟାବୃଦ୍ଧି ଘଟିଛି, ଯାହାକି ୧୯୬୧-୨୦୦୨ ସମୟ ଭିତରେ ପରିଲକ୍ଷିତ ହୋଇଥିବା ନିମ୍ନୋକ୍ତ ପରିସଂଖ୍ୟାନରୁ ସୁସ୍ପଷ୍ଟ ବାରି ହୁଏ-

**ଓଡିଶାରେ ପଞ୍ଚାୟତିରାଜ ସଂସ୍ଥାସମୂହର ସଂଖ୍ୟାବୃଦ୍ଧି (୧୯୬୧-୨୦୦୨)**

| କ୍ର.ସଂ. | ବର୍ଷ | ଗ୍ରାମ ପଞ୍ଚାୟତ | ପଞ୍ଚାୟତ ସମିତି | ଜିଲ୍ଲା ପରିଷଦ |
|---|---|---|---|---|
| ୧. | ୧୯୬୧ | ୨୩୫୦ | ୨୧୪ | ୧୩ |
| ୨. | ୧୯୬୩ | ୨୩୫୦ | ୩୦୪ | ୧୩ |
| ୩. | ୧୯୬୭ | ୩୮୨୬ | ୩୦୭ | ୧୩ |
| ୪. | ୧୯୮୪ | ୪୩୯୧ | ୩୧୪ | ୧୩ |
| ୫. | ୧୯୯୨ | ୫୨୬୩ | ୩୧୪ | ୧୩ |
| ୬. | ୨୦୦୨ | ୬୨୩୪ | ୩୧୪ | ୩୦ |

*(ଉତ୍ସ- ପଞ୍ଚାୟତିରାଜ ବିଭାଗ, ଓଡିଶା ସରକାରଙ୍କ ୱେବ୍‌ସାଇଟ୍)*

କେବଳ ଏତିକି ନୁହେଁ, ବିଭିନ୍ନ ସ୍ତର ପାଇଁ ପଞ୍ଚାୟତ ନିର୍ବାଚନରେ ଅନୁସୂଚୀତ ଜନଜାତି, ଜାତି, ଅନ୍ୟ ପଛୁଆ ବର୍ଗ ଓ ମହିଳାମାନଙ୍କର ପ୍ରତିନିଧିମାନେ ବେଶ୍ ଆଖିଦୃଶିଆ ସଂଖ୍ୟାରେ ବିଭିନ୍ନ ପଦପଦବୀରେ ଜିଣି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିଜର ଆସ୍ଥାନ ସୁଦୃଢ କରିପାରିଛନ୍ତି । ଗତ ୨୦୦୨ ମସିହାରେ ଅନୁଷ୍ଠିତ ନିର୍ବାଚନର ନିମ୍ନ ଫଳାଫଳରୁ ଏହି ସତ୍ୟ ସାବ୍ୟସ୍ତ ହୋଇଥାଏ ।

**ଓଡିଶାର ପଞ୍ଚାୟତିରାଜ ସଂସ୍ଥାମାନଙ୍କରେ ନିର୍ବାଚିତ ପ୍ରତିନିଧିମାନଙ୍କର ପୃଷ୍ଠଭୂମି- ୨୦୦୨**

| କ୍ର.ସଂ. | ସ୍ତର | ପଦବୀ | ସଂଖ୍ୟା | ଏସ୍.ସି. | ଏସ୍.ଟି. | ଓ.ବି.ସି. | ମହିଳା | ଅନ୍ୟ |
|---|---|---|---|---|---|---|---|---|
| ୧. | ଜିଲ୍ଲା ପରିଷଦ | ଅଧ୍ୟକ୍ଷ | ୩୦ | ୬ | ୧୨ | ୮ | ୧୧ | |
| | | ଉପାଧ୍ୟକ୍ଷ | ୩୦ | | | | | |
| | | ଓଭ୍ୟ | ୮୫୪ | ୧୫୨ | ୨୦୫ | ଅପ୍ରଯୁଜ୍ୟ | ୨୯୨ | ୩୯୩ |
| ୨. | ପଞ୍ଚାୟତ ସମିତି | ଅଧ୍ୟକ୍ଷ | ୩୧୪ | ୩୯ | ୧୪୭ | ୫୭ | | ୧୨୪ |
| | | ଉପାଧ୍ୟକ୍ଷ | ୩୧୪ | | | | | |
| | | ଓଭ୍ୟ | ୬୨୨୨୭ | ୧୦୦୯ | ୧୬୭୨ | ଅପ୍ରଯୁଜ୍ୟ | ୨୨୫୮ | ୨୮୫୭ |
| ୩. | ଗ୍ରାମ ପଞ୍ଚାୟତ | ଓରପଞ୍ଚ | ୬୨୩୪ | ୭୯୨ | ୨୩୮୮ | | ୨୨୧୩ | ୨୬୯୫ |
| | | ନାଏବ ସରପଞ୍ଚ | ୬୨୩୪ | | | | | |
| | | ୱାର୍ଡ ସଭ୍ୟ | ୮୭୫୪୬ | ୧୪୩୫୪ | ୨୧୮୭୧ | ଅପ୍ରଯୁଜ୍ୟ | ୩୦୦୬୮ | ୪୧୯୦୬ |

***(ଉତ୍ସ- ପଞ୍ଚାୟତିରାଜ ବିଭାଗ, ଓଡିଶା ସରକାରଙ୍କ ୱେବ୍‌ସାଇଟ୍)***

## ୧.୬ ଗ୍ରାମ ପଞ୍ଚାୟତର ଅର୍ଥ ଓ ହିସାବ ପରିଚାଳନା ସଂପର୍କୀତ ବିଧିବିଧାନ-

ଇଂରେଜ ଅମଳରୁ ଭାରତରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କାର୍ଯ୍ୟ କରି ଆସୁଥିବାରୁ ସ୍ଥାନୀୟ ପାଣ୍ଠିର ରକ୍ଷଣାବେକ୍ଷଣ, ପରିଚାଳନା ଓ ସମୀକ୍ଷା ପାଇଁ ବହୁବିଧ ବିଧିବିଧାନ ସେ ସମୟରେ ପ୍ରଣୀତ ହୋଇଥିଲା । ସେହି ଢାଞ୍ଚାକୁ ଭିତ୍ତି କରି ଓଡିଶା ସମେତ ଭାରତର ବିଭିନ୍ନ ପ୍ରଦେଶରେ ଗ୍ରାମ ପଞ୍ଚାୟତର ଅର୍ଥବ୍ୟବସ୍ଥା ଓ ହିସାବପତ୍ର ପରିଚାଳନା ପାଇଁ ଅନେକ ବିଧିବିଧାନ ଗଢା ହୋଇଛି ଏବଂ ପୁରୁଣା ବିଧିବିଧାନର ସଂଶୋଧନ ପ୍ରକ୍ରିୟା ଲଗାତାର ଚାଲୁରହିଛି । ବର୍ତ୍ତମାନ ଓଡିଶା ପରିପ୍ରେକ୍ଷୀରେ ଗ୍ରାମ ପଞ୍ଚାୟତର ଅର୍ଥବ୍ୟବସ୍ଥା ଓ ହିସାବପତ୍ର ପରିଚାଳନା ପାଇଁ ନିମ୍ନୋକ୍ତ ଆଇନ୍ ଓ ନିୟମାବଳୀ ପ୍ରମୁଖ ଭାବେ ପ୍ରାସଙ୍ଗିକ ରହିଛି-

- ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ ଓ ନିୟମାବଳୀ ୧୯୬୮
- ଓଡିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଆଇନ୍ ୧୯୪୮ ଓ ନିୟମାବଳୀ ୧୯୫୧
- ଓଡିଶା ଗ୍ରାମ ପଞ୍ଚାୟତ ଯାନବାହାନ ପଞ୍ଜିକରଣ ନିୟମାବଳୀ ୧୯୬୭
- ଓଡିଶା ଗ୍ରାମପଞ୍ଚାୟତ ରାଜ୍ୟ ଅର୍ଥ କମିଶନ୍ ନିୟମାବଳୀ ୧୯୯୨
- ଓଡିଶା ପଞ୍ଚାୟତିରାଜ ଅର୍ଥ କମିଶନ୍ (ବିବିଧ ବ୍ୟବସ୍ଥା) ଆଇନ୍ ୧୯୯୩ ଓ ନିୟମାବଳୀ ୧୯୯୪

- ଓଡିଶା ଗ୍ରାମପଞ୍ଚାୟତ (ସ୍ଥାୟୀ କମିଟିସମୂହର ଗଠନ) ନିୟମାବଳୀ ୨୦୦୨
- ଓଡିଶା ସମ୍ପତ୍ତି ନ୍ୟସ୍ତୀକରଣ (ଗ୍ରାମଶାସନ ଠାରେ) ଆଇନ୍ ୧୯୬୪ ଏବଂ ନିୟମାବଳୀ ୧୯୬୬
- ଓଡିଶା ଗ୍ରାମପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨

ଏହାଛଡା ରାଜ୍ୟ ସରକାର ବିଭିନ୍ନ ସମୟରେ ପ୍ରଶାସନିକ ସର୍କୁଲାର୍ ଓ ନିର୍ଦ୍ଦେଶାବଳୀ ଜରିଆରେ ଅନ୍ୟ ବିଷୟ ଭଳି ଗ୍ରାମ ପଞ୍ଚାୟତର ଅର୍ଥବ୍ୟବସ୍ଥା, ହିସାବପତ୍ର ପରିଚାଳନା ଓ ସମୀକ୍ଷା ପ୍ରକ୍ରିୟାକୁ ନିୟନ୍ତ୍ରଣ କରିଥାନ୍ତି । ସର୍ବୋପରି କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ୍‌ମାନଙ୍କ ରିପୋର୍ଟ ତଥା ସି.ଏଣ୍ଡ.ଏ.ଜି. (କମ୍ପ୍ଟ୍ରୋଲର୍ ଆଣ୍ଡ୍ ଅଡିଟର୍ ଜେନେରାଲ୍ ଅଫ୍ ଇଣ୍ଡିଆ)ଙ୍କ ଦ୍ୱାରା ପ୍ରକାଶିତ ଅଡିଟ୍ ରିପୋର୍ଟ ଓ ମାର୍ଗଦର୍ଶୀକା ମଧ୍ୟ ବୈଧାନିକ ଗୁରୁତ୍ୱ ବହନ କରିଥାଏ ।

## ୧.୬ ଗ୍ରାମ ପଞ୍ଚାୟତର ନିଜସ୍ୱ ସମ୍ବଳ-

ପ୍ରତି ଗ୍ରାମପଞ୍ଚାୟତର ସମ୍ବଳ ଭଣ୍ଡାରକୁ ଗ୍ରାମପାଣ୍ଠି ବୋଲି କୁହାଯାଏ । ଗ୍ରାମପାଣ୍ଠିର ଆୟକୁ ଉତ୍ସ ଭିତ୍ତିରେ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇ ପାରେ, ଯଥା ନିଜସ୍ୱ ଆୟ ଓ ବାହ୍ୟ ସୂତ୍ରରୁ ଆୟ । କେନ୍ଦ୍ର ବା ରାଜ୍ୟ ଠାରୁ ବିଭିନ୍ନ ସ୍କିମ୍ ବାବଦରେ ଯେଉଁ ଅର୍ଥମଞ୍ଜୁରି ମିଳିଥାଏ, ବା ଗ୍ରାମପଞ୍ଚାୟତର ରକ୍ଷଣାବେକ୍ଷଣ ପାଇଁ ଯେଉଁ ସହାୟକ ଅନୁଦାନ ମିଳିଥାଏ ତାହାକୁ ଆମେ ବାହ୍ୟସୂତ୍ରରୁ ଆୟ ବୋଲି କହିପାରିବା । ବାହ୍ୟସୂତ୍ରରୁ ମିଳୁଥିବା ଅର୍ଥରାଶିକୁ ଗ୍ରାମ ପଞ୍ଚାୟତ ନିଜର ଅଗ୍ରାଧିକାର ଅନୁଯାୟୀ ଖର୍ଚ୍ଚ କରି ପାରିବ ନାହିଁ । ଗ୍ରାମପଞ୍ଚାୟତ କେବଳ ନିଜସ୍ୱ ଆୟକୁ ନିଜ ଇଲାକାର ଲୋକମାନଙ୍କ ସ୍ୱାର୍ଥରେ ନିଜେ ସ୍ୱାଧୀନ ଭାବେ ଖର୍ଚ୍ଚକରି ପାରିବେ । ସୁତରାଂ ସ୍ଥାନୀୟ ସଂସ୍ଥା ବିଶେଷଜ୍ଞ ମାନେ ସର୍ବଦା ଜୋର୍ ଦେଇଥାନ୍ତି କିଭଳି ପଞ୍ଚାୟତମାନେ ବିଭିନ୍ନ ସୂତ୍ରରୁ ନିଜସ୍ୱ ଆୟର ପରିମାଣ ବୃଦ୍ଧି କରିପାରିବେ । ନିଜସ୍ୱ ଆୟକୁ ପୁଣି ଦୁଇଭାଗରେ ବିଭକ୍ତ କରାଯାଇପାରେ, ଯଥା ଟିକସ ଓ ଅଣଟିକସ । ପ୍ରତି ଗ୍ରାମପଞ୍ଚାୟତ ନିଜ ଇଲାକାରେ ବିଭିନ୍ନ ନାଗରିକ ସେବା, ଯଥା ପାଇଖାନା, ପାନୀୟ ଜଳ, ସଫେଇ, ଆବର୍ଜନା ନିଷ୍କାସନ ଇତ୍ୟାଦି ଯୋଗାଇଦେବା, ଏବଂ ସାଇକେଲ୍ ଓ ବଳଦଗାଡି ଇତ୍ୟାଦି ଯାନବାହାନର ପଞ୍ଜିକରଣ କରିବା ବାବଦକୁ ଟିକସ ବା ଫିସ୍ ଆଦାୟ କରିଥାଏ, ତଥା ପଞ୍ଚାୟତ ଜାଗା ଉପରେ କୌଣସି ଘରୋଇ ବ୍ୟକ୍ତିଙ୍କୁ ଦୋକାନ, ହୋଟେଲ୍ ବା କୁଟୀର ଶିଳ୍ପ ଇତ୍ୟାଦି ଚଳେଇବା ପାଇଁ ଲାଇସେନ୍‌ସ ଦେବା ବାବଦକୁ ଦେୟ ଆଦାୟ କରିଥାଏ- ଏସବୁକୁ ଟିକସ ଆୟ କୁହାଯାଇ ପାରେ । ବିସ୍ମୟ ଲାଗିଲେ ବି ସତ, ଓଡିଶା ଗ୍ରା.ପ.ଆଇନ୍ ମୂଳରୁ ଏହିସବୁ ଟିକସ ବା ଫିସ୍ ବା ଦେୟର ସର୍ବାଧିକ ହାର ଏତେ କମ୍ ରଖିଛି, ଯାହା ଫଳରେ ଟିକସ ସୂତ୍ରରୁ ଗ୍ରା.ପ.ର ଆୟ ମୋଟେ ଆଖିଦୃଶିଆ ଭାବେ ବଢି ପାରିବ ନାହିଁ । ପୁଣି ଆଉ ଗୋଟିଏ ଦୃଷ୍ଟିରୁ ବିଚାର କଲେ ବୁଝାପଡେ ଯେ, ଟିକସର ପରିମାଣ କେତେ ବଢିପାରିବ ତହିଁର ଏକ ସୀମା ଅଛି, ନଚେତ୍ ଜନବିଦ୍ରୋହ ଘଟିବା ସ୍ୱାଭାବିକ । ସୁତରାଂ ଗ୍ରା.ପ. ଆଗରେ ନିଜସ୍ୱ ସମ୍ବଳ ବୃଦ୍ଧି କରିବାର ଏକମାତ୍ର ବିକଳ୍ପ ବାକୀ ରହୁଛି, ତାହା ହେଲା, ଏହାର ଅଣଟିକସ ଆୟ ବୃଦ୍ଧି କରିବା । ଅଣଟିକସ ଆୟ ବର୍ତ୍ତମାନ ମୁଖ୍ୟତଃ ଆସିଥାଏ ପଞ୍ଚାୟତର ଅସ୍ଥାବର ସମ୍ପତ୍ତି, ଯଥା ହାଟ, ଘାଟ, ପୋଖରୀ ଓ ବଗିଚା ଇତ୍ୟାଦିକୁ ନିଲାମ ବଳରେ ଲିଜ୍ ଦେବା ବାବଦରେ ଆଦାୟ ହୋଇଥିବା ଅର୍ଥରାଶିରୁ । କିନ୍ତୁ ଲକ୍ଷ୍ୟ କରାଯାଉଛି, ପଞ୍ଚାୟତର ନିଜସ୍ୱ ସମ୍ବଳର ଅଭାବ ହେତୁ ଏହିସବୁ ସ୍ଥାୟୀ ସମ୍ପତ୍ତିର ନିୟମିତ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ଯୁଗକୁ ଚାହିଁ ଉନ୍ନତୀକରଣର ଅଭାବରୁ ନିଲାମ ବାବଦ ମିଳୁଥିବା ଅର୍ଥରାଶି ବର୍ଷକୁ ବର୍ଷ କମିବାରେ ଲାଗିଛି । ଏହି ପରିସ୍ଥିତିରେ ପଞ୍ଚାୟତର ନିଜସ୍ୱ ଅଣଟିକସ ଆୟର ଆଉ ଗୋଟିଏ ନିର୍ଭରଯୋଗ୍ୟ ସୂତ୍ର ଓ.ଗ୍ରା.ପ. ଆଇନ୍ ଅନୁଯାୟୀ ଖୋଲା ଅଛି, ଯଥା ସରକାର ବା ବ୍ୟାଙ୍କରୁ ଋଣ ଆଣି ତାକୁ କୌଣସି ଲାଭ-ଜନକ ଉଦ୍ୟୋଗରେ ଲଗାଣ

କରିବା । କିନ୍ତୁ ପୁଣି ସେହି ଆଇନ୍‌ରେ ଋଣ ପାଇଁ ଏତେସବୁ କଟକଣା ଓ ସର୍ତ୍ତାବଳୀ ସ୍ଥାନିତ ଅଛି ଯେ, ବସ୍ତୁତଃ ଗୋଟିଏ ଗ୍ରା.ପ. ମୋଟେ ଋଣ କରି ପାରିବ ନାହିଁ । କିନ୍ତୁ ଏକଥା ସତ, ୭୩ତମ ସମ୍ବିଧାନ ସଂଶୋଧନ ପରେ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ୍ ଗ୍ରାମପଞ୍ଚାୟତର ନିଜସ୍ୱ ଅଣଟିକସ ଆୟ କିପରି ଉତ୍ତରୋତ୍ତର ବୃଦ୍ଧି ପାଇପାରିବ, ଏବଂ ତା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ନିଜର ବହୁମୁଖୀ ଉନ୍ନୟନ ଦାୟିତ୍ୱ ସଂପାଦନ ପାଇଁ ଗ୍ରା.ପ. ଆର୍ଥିକ ଦୃଷ୍ଟିରୁ ସମର୍ଥ ହୋଇପାରିବ, ତାହା ଉପରେ ଜୋର୍ ଦେଇ ଆସିଛନ୍ତି ।

## ୧.୮ କେନ୍ଦ୍ରୀୟ ଓ ରାଜ୍ୟ ସ୍ତରରେ ଗଠିତ ଅର୍ଥ କମିଶନ୍-

୧.୮.୧ **କେନ୍ଦ୍ରୀୟ ଅର୍ଥ କମିଶନ୍-** ୭୩ତମ ସମ୍ବିଧାନ ସଂଶୋଧନର ନିର୍ଦ୍ଦେଶ ଅନୁଯାୟୀ ପ୍ରଥମେ କେନ୍ଦ୍ରୀୟ ସ୍ତରରେ ଦଶମ ଅର୍ଥ କମିଶନ୍ (୧୯୯୫-୨୦୦୦) ପଞ୍ଚାୟତର ଆର୍ଥିକ ଅବସ୍ଥାର ଅଭିବୃଦ୍ଧି ଉପରେ ଅନୁଧ୍ୟାନ ଆରମ୍ଭ କରିଥିଲେ, ଯଦିଓ ସେ ନିର୍ଦ୍ଦିଷ୍ଟ ଭାବେ ପଞ୍ଚାୟତିରାଜ ସଂସ୍ଥାମାନଙ୍କର ନିଜସ୍ୱ ଆର୍ଥିକ ସମ୍ବଳ ସଂଗ୍ରହ ତଥା ହିସାବ ଓ ସମୀକ୍ଷା ପରିଚାଳନା ଉପରେ କିଛି ସୁପାରିଶ୍ କରିନଥିଲେ । ଏକାଦଶ ଅର୍ଥ କମିଶନ୍ (୨୦୦୦-୦୫) ବିଧିବଦ୍ଧ ଭାବେ ଅନୁଦାନ ସୁପାରିଶ୍ ସହିତ ସବୁ ସ୍ତରର ପଞ୍ଚାୟତିରାଜ ସଂସ୍ଥାମାନଙ୍କ ପାଇଁ କମ୍ପ୍ୟୁଟର୍‌କୁ ଉପଯୋଗ କରି ଇଣ୍ଟର୍‌ନେଟ୍ ମାଧ୍ୟମରେ ଆଧୁନିକ ପ୍ରଣାଳୀରେ ତଥ୍ୟାବଳୀର ସଂଗ୍ରହ, ସଂକଳନ ଓ ସରବରାହ ପାଇଁ ସୁପାରିଶ୍ କରିଥିଲେ । ଦ୍ୱାଦଶ କମିଶନ୍ (୨୦୦୫-୧୦) ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ବର୍ଦ୍ଧିତ ଅନୁଦାନ ଏବଂ ସୂଚନା ସରବରାହର ଉନ୍ନତୀକରଣ ସହିତ ରାଜ୍ୟ ଅର୍ଥ କମିଶନ୍‌ମାନଙ୍କର ସମୟୋଚିତ ଗଠନ ଏବଂ ରିପୋର୍ଟ ଦାଖଲ ଉପରେ ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ୧୩ଶ କେନ୍ଦ୍ରୀୟ ଅର୍ଥ କମିଶନ୍ (୨୦୧୦-୧୫) ଗଠିତ ହୋଇସାରି ସେମାନଙ୍କର ସୁପାରିଶ୍ ପ୍ରସ୍ତୁତିରେ ଲାଗିଛନ୍ତି ।

୧.୮.୨ **ଓଡିଶା ରାଜ୍ୟ ଅର୍ଥ କମିଶନ୍ –** ଡକ୍ଟର୍ ବେଦ୍ୟନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଥମ ରାଜ୍ୟ ଅର୍ଥ କମିଶନ୍ ୧୯୯୮ ଡିସେମ୍ବରରେ ଏବଂ ଶ୍ରୀ ତ୍ରିଲୋଚନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଗଠିତ ଦ୍ୱିତୀୟ କମିଶନ୍ ସେପ୍ଟେମ୍ବର ୨୦୦୪ରେ ତାଙ୍କର ରିପୋର୍ଟ ଦାଖଲ କରିଥିଲେ । ବର୍ତ୍ତମାନ ପ୍ରଫେସର୍ ସୁଧାକର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ୩ୟ ରାଜ୍ୟ ଅର୍ଥ କମିଶନ୍ ଆଗାମୀ ୫ବର୍ଷ (୨୦୧୦-୧୫)ପାଇଁ ତାଙ୍କର ସୁପାରିଶ୍ ଦାଖଲ କରିବାକୁ ଯାଉଛନ୍ତି । ଲକ୍ଷ୍ୟ କରାଯାଇଛି, ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ୍‌ଙ୍କ ସୁପାରିଶ୍ ଯୋଗୁଁ ଗ୍ରାମ ପଞ୍ଚାୟତମାନଙ୍କ ସମେତ ରାଜ୍ୟର ପଞ୍ଚାୟତିରାଜ ସଂସ୍ଥାସମୂହ ଉଭୟ କେନ୍ଦ୍ର ଓ ରାଜ୍ୟରୁ ଅଧିକ ଅନୁଦାନ ଓ ସହାୟତା ପାଇଆସୁଛନ୍ତି । ଯଦିଓ ଏକଥା ସତ, କେନ୍ଦ୍ରୀୟ ଅର୍ଥ କମିଶନ୍‌ମାନେ ସୁପାରିଶ୍ କରିଆସୁଥିବା ଉନ୍ନତ, କମ୍ପ୍ୟୁଟର୍-ପରିଚାଳିତ ଓ ଇଣ୍ଟରନେଟ୍ ଭିତ୍ତିକ ହିସାବ ପରିଚାଳନା ପ୍ରଣାଳୀ (ଯଥା ପ୍ରିଆ-ସଫ୍ଟ)କୁ ଓଡିଶାର ପଞ୍ଚାୟତିରାଜ ସଂସ୍ଥାସମୂହ ବାସ୍ତବରେ ବ୍ୟବହାର କରିବା ଏବେବି ବାକୀ ରହିଛି ।

## ୧.୯ ହିସାବପତ୍ର ପରିଚାଳନା-

ଗ୍ରାମ ପଞ୍ଚାୟତଗୁଡିକର ନିଜସ୍ୱ ଆୟ ବୃଦ୍ଧି ଘଟିନଥିଲେ ହେଁ ଗତ ଦଶନ୍ଧି ଭିତରେ ବିଭିନ୍ନ ସ୍କିମ୍ ଅଧୀନରେ କେନ୍ଦ୍ରୀୟ ଅନୁଦାନ ଓ ସହାୟତାର ସୁଦୃଶ୍ୟ ଅଭିବୃଦ୍ଧି ଯୋଗୁଁ ପ୍ରତି ଗ୍ରା.ପ. ସ୍ତରରେ ଅର୍ଥରାଶିର କାରବାର ବେଶ୍ ପରିମାଣରେ ବଢିଯାଇଛି ଏବଂ ଏବେ ବି ବଢିଚାଲିଛି ତଥା ଆଗାମୀ ବର୍ଷମାନଙ୍କରେ ଆହୁରି ବଢିବାର ସମ୍ଭାବନା ରହିଛି । ତେଣୁ ନିର୍ଭୁଲ୍ ଓ ଶୃଙ୍ଖଳିତ ଢଙ୍ଗରେ ହିସାବପତ୍ରର ରକ୍ଷଣାବେକ୍ଷଣ ଜରୁରୀ ହୋଇ ପଡିଛି । ଏକଥା ସତ, ଓଡିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୪ ଓ ନିୟମାବଳୀ ୧୯୬୮ ଅଧୀନରେ ବିହିତ କରାଯାଇଥିବା ୫୦ଟି ଫର୍ମ ଓ ରେଜିଷ୍ଟର୍ ମଧ୍ୟରୁ ୪୦ଟି ହେଉଛି ହିସାବ ପରିଚାଳନା ସଂପର୍କୀତ । ଏବେ ବି ଏହି ଫର୍ମଗୁଡିକ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଖାତା ଓ

ରେଜିଷ୍ଟର୍‌ରେ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ହିସାବପତ୍ରର ରକ୍ଷଣାବେକ୍ଷଣ ହେବା କଥା । କିନ୍ତୁ କମ୍ପ୍ୟୁଟର୍ ଓ ଇଣ୍ଟରନେଟ୍‌ର ପ୍ରୟୋଗ ଫଳରେ ହିସାବପତ୍ରର ସଂଗ୍ରହ, ସଂକଳନ ଓ ପ୍ରସାରଣର ସମଗ୍ର ପ୍ରକ୍ରିୟା ଏତେ ବିଜ୍ଞାନସମ୍ମତ, ସରଳ ଓ କମ୍ ସମୟ-ସାପେକ୍ଷ ହୋଇଯାଇଛି ଯେ, ଏହାକୁ ପ୍ରୟୋଗ ନକରି ପଞ୍ଚାୟତିରାଜ ସଂସ୍ଥାମାନେ ଆଗାମୀ ଦିନରେ ସାମାନା କରିବାକୁ ଯାଉଥିବା କ୍ରମବର୍ଦ୍ଧିଷ୍ଣୁ ଯୋଜନାସମୂହର ସମୟୋଚିତ ସଂପାଦନ ତଥା ସମସ୍ତ ପ୍ରାସଙ୍ଗିକ ହିସାବପତ୍ର ଓ ଦଲିଲ୍‌ଦସ୍ତାବିଜ୍‌କୁ ସଂକଳନ କରି ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସହ ରକ୍ଷଣାବେକ୍ଷଣ କରିବା ଏବଂ ସମୟୋଚିତ ଢଙ୍ଗରେ ଉପଯୁକ୍ତ କର୍ତ୍ତୃପକ୍ଷମାନଙ୍କ ନିକଟରେ ପ୍ରାପ୍ତ ଅର୍ଥରାଶିର କାର୍ଯ୍ୟ-ବିବରଣୀ ଓ ବିନିଯୋଗ ପ୍ରମାଣ-ପତ୍ର ଦାଖଲ କରିବା ସମ୍ଭବ ହେବନାହିଁ । ଏହି ବିଚାରକୁ ଦୃଷ୍ଟିରେ ରଖି ଏକାଦଶ ଅର୍ଥ କମିଶନ୍ ଗ୍ରାମ ପଞ୍ଚାୟତ ସମେତ ସମସ୍ତ ପଞ୍ଚାୟତିରାଜ ସଂସ୍ଥା ପାଇଁ ପ୍ରିଆ-ସଫ୍ଟ ନାମକ ଏକ କମ୍ପ୍ୟୁଟର୍ ସଫ୍ଟ-ଓ୍ୱେର୍ ବ୍ୟବହାର ପାଇଁ ସୁପାରିଶ୍ କରିଛନ୍ତି । ଓଡିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ମଧ୍ୟ ଏହାକୁ ଗ୍ରହଣ କରିନେଇଛି । ସେହିପରି ବର୍ତ୍ତମାନ ଓଡିଶାର ସମସ୍ତ ପଞ୍ଚାୟତିରାଜ ସଂସ୍ଥାର ହିସାବପତ୍ରକୁ ନମୂନା ଭିତ୍ତିରେ ବାର୍ଷିକ ସମୀକ୍ଷା ବା ଅଡିଟ୍ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଥିବା ସି.ଏଣ୍ଡ.ଏ.ଜି. (କମ୍ପ୍ଟ୍ରୋଲର୍ ଆଣ୍ଡ୍ ଅଡିଟର୍ ଜେନେରାଲ୍ ଅଫ୍ ଇଣ୍ଡିଆ) ମଧ୍ୟ ସମ୍ବିଧାନର ଏକାଦଶ ଅନୁସୂଚୀରେ ସ୍ଥାନିତ ହୋଇଥିବା ୨୯ଟି ବିଷୟକୁ ଭିତ୍ତି କରି ବଜେଟ୍ ପ୍ରସ୍ତୁତି ଓ ହିସାବ ପରିଚାଳନା ପାଇଁ ଏକ ନୂତନ, ସରଳୀକୃତ, କମ୍ପ୍ୟୁଟର୍-ଚାଳିତ ଫର୍ମାଟ୍ ସୁପାରିଶ୍ କରିଛନ୍ତି, ଯାହାକୁ ବ୍ୟବହାର କରିପାରିଲେ ଓ.ଗ୍ରା.ପ.ନିୟମାବଳୀର ୪୦ଟି ପୁରୁଣାକାଳିଆ ଫର୍ମ ଓ ରେଜିଷ୍ଟର୍‌ର ଆବଶ୍ୟକତା ପଡିବ ନାହିଁ । ଏକାଦଶ ଅର୍ଥ କମିଶନ୍‌ଙ୍କ ସୁପାରିଶ୍ କ୍ରମେ ପ୍ରତି ଗ୍ରା.ପ.କୁ କମ୍ପ୍ୟୁଟର୍ ଯୋଗାଣ ସରିଛି, କେବଳ ଉପଯୁକ୍ତ ତାଲିମ୍ ପ୍ରାପ୍ତ କମ୍ପ୍ୟୁଟର୍ ଚାଳକ ଏବଂ ସଂପୃକ୍ତ ପ୍ରଶାସକମାନଙ୍କ ତଦାରଖ ଫଳରେ ନୂତନ ହିସାବ ପରିଚାଳନା ବ୍ୟବସ୍ଥା ରୂପ ନେଇପାରିବ ।

### ୧.୧୦ ଗ୍ରାମପଞ୍ଚାୟତ ସ୍ତରରେ ହିସାବପତ୍ରର ଅଡିଟ୍-

ଗ୍ରାମପଞ୍ଚାୟତର ହିସାବପତ୍ରର ବାର୍ଷିକ ସମୀକ୍ଷା ବା ଅଡିଟ୍ ଓଡିଶା ସ୍ଥାନୀୟ ପାଣ୍ଠି ଅଡିଟ୍ ଆଇନ୍ ୧୯୪୮ ଓ ନିୟମାବଳୀ ୧୯୫୧ ଅନୁଯାୟୀ କରାଯାଇଥାଏ । ଏଥିପାଇଁ ପୂର୍ବରୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ସ୍ଥାନୀୟ ହିସାବପତ୍ର ପରୀକ୍ଷକ ଭାବେ ନିଯୁକ୍ତ ହେଉଥିଲେ । କିନ୍ତୁ ଏକାଦଶ ଅର୍ଥ କମିଶନ୍‌ଙ୍କ ସୁପାରିଶ୍ କ୍ରମେ ୨୦୦୪ ମସିହାରେ ଓଡିଶା ଗ୍ରା.ପ.ଆଇନ୍‌ର ଏକ ସଂଶୋଧନ ଘଟିଲା, ଯାହା ଫଳରେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଜଣେ ଉପଯୁକ୍ତ ଅଧିକାରୀଙ୍କୁ ଉକ୍ତ ପଦବୀରେ ନିଯୁକ୍ତ କରିବେ ଏବଂ ତାଙ୍କ ତତ୍ତ୍ୱାବଧାନରେ ଉପ-ପରୀକ୍ଷକ ଏବଂ ସହକାରୀ ପରୀକ୍ଷକ ମଧ୍ୟ ନିଯୁକ୍ତ ହେବେ । ଏହଛଡା ଗ୍ରାମପାଣ୍ଠିକୁ ଅଡିଟ୍ କରିବା ପାଇଁ ଅଡିଟର୍ ଦଳ ନିଯୁକ୍ତ ହେବେ । ଏହାଛଡା ବର୍ତ୍ତମାନ ଓଡିଶାର ଗ୍ରାମପଞ୍ଚାୟତ ଗୁଡିକ ଅନ୍ୟ କେତେକ ରାଜ୍ୟ ଭଳି ବହୁଳ ପରିମାଣରେ କେନ୍ଦ୍ରୀୟ ଅନୁଦାନ ଓ ସହାୟତା ପାଉଥିବାରୁ ସେମାନଙ୍କର ଏକ ନମୂନା ବାର୍ଷିକ ଅଡିଟ୍ ସି.ଏଣ୍ଡ.ଏ.ଜି. (କମ୍ପ୍ଟ୍ରୋଲର୍ ଆଣ୍ଡ୍ ଅଡିଟର୍ ଜେନେରାଲ୍ ଅଫ୍ ଇଣ୍ଡିଆ)ଙ୍କ ଦ୍ୱାରା ମଧ୍ୟ ଅନୁଷ୍ଠିତ ହୋଇଥାଏ । ସି.ଏଣ୍ଡ.ଏ.ଜି. ସାଧାରଣତଃ ମୋଟ୍ ଗ୍ରାମପଞ୍ଚାୟତ ମାନଙ୍କ ଭିତରୁ ଶତକଡା ୧୦ଭାଗଙ୍କର ନମୂନା ଅଡିଟ୍ କରିଥାନ୍ତି । ସେମାନଙ୍କର ଅଡିଟ୍ ରିପୋର୍ଟ ଏକ ସର୍ବସାଧାରଣ ଦଲିଲ୍ ଯାହାକି ତାଙ୍କର ଓ୍ୱେବ୍‌ସାଇଟ୍‌ରେ ଉପଲବ୍ଧ । ସି.ଏଣ୍ଡ.ଏ.ଜି.ଙ୍କ ଅଡିଟ୍ ରିପୋର୍ଟରୁ ଗ୍ରାମପଞ୍ଚାୟତମାନଙ୍କର ହିସାବ-ପରିଚାଳନାରେ ଥିବା ମୌଳିକ ଦୋଷତୃଟି ଜଣା ପଡିଥାଏ, ଯଥା- ବିନିଯୁକ୍ତ ଅର୍ଥରାଶି ସପକ୍ଷରେ ଭାଉଚର୍ ଦାଖଲ କରି ନପାରିବା, ଗୋଟିଏ କାର୍ଯ୍ୟକ୍ରମ ସମ୍ପାଦନ ନକରି ତାହାର ହିସାବ ଦେଖାଇବା, ବଜେଟ୍‌ରେ ବ୍ୟବସ୍ଥା ନଥାଇ କୌଣସି ବାବଦରେ ଖର୍ଚ୍ଚ କରିବା, ପଇଠ କରାଯାଇଥିବା ଅଗ୍ରୀମ ଅର୍ଥ ବିଷୟରେ ଖୋଜ୍‌ଖବର ନରଖିବା ଓ କ୍ୟାସ୍ ବୁକ୍‌ର ନିୟମିତ ରକ୍ଷଣାବେକ୍ଷଣ ନକରିବା ଇତ୍ୟାଦି । ପୂର୍ବରୁ ସୂଚୀତ ହୋଇଛି ଯେ, ସି.ଏଣ୍ଡ.ଏ.ଜି. ଗ୍ରାମ ପଞ୍ଚାୟତ ସ୍ତରରେ ଉଭୟ ବଜେଟ୍ ପ୍ରସ୍ତୁତି ଓ ହିସାବ

ପରିଚାଳନା ପାଇଁ ଏକାଦଶ ଅନୁସୂଚୀରେ ସ୍ଥାନିତ ହୋଇଥିବା ୨୯ଟି ବିଷୟ-ସୂଚୀ ଆଧାରରେ ଏକ ସମନ୍ୱୀତ କମ୍ପୁଟର୍-ଚାଳିତ ଓ ଇଣ୍ଟରନେଟ୍ ଭିତ୍ତିକ ସରଳ ଫର୍ମାଟ୍ ସୁପାରିଶ୍ କରିଛନ୍ତି, ଯାହାକୁ ବ୍ୟବହାର କଲେ କେବଳ ଯେ ହିସାବ-ପରିଚାଳନାରେ ଦକ୍ଷତା, ସତ୍ୟନିଷ୍ଠତା ଓ ସମୟାନୁବର୍ତ୍ତୀତାକୁ ସୁନିଶ୍ଚିତ କରିହେବ ତାହା ନୁହେଁ, ବରଂ ଜନସାଧାରଣଙ୍କ ସମ୍ମୁଖରେ ହିସାବପତ୍ରର ସ୍ୱଚ୍ଛତା ରକ୍ଷା କରିହେବ । ଏହା ପୁଣି ଉଲ୍ଲେଖଯୋଗ୍ୟ ଯେ, ଆର୍ଥିକ ସମୀକ୍ଷା ସହିତ ସାମାଜିକ ସମୀକ୍ଷାର ଧାରଣା ସମଗ୍ର ପଞ୍ଚାୟତିରାଜ ବ୍ୟବସ୍ଥାରେ ଦାନା ବାନ୍ଧୁଛି । ସାମାଜିକ ସମୀକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି, ସାଧାରଣ ଲୋକେ ଏବଂ ହିତାଧିକାରୀ, ଯେଉଁମାନଙ୍କ ପାଇଁ ଗୋଟିଏ ପ୍ରକଳ୍ପ ଉଦ୍ଦିଷ୍ଟ, ସେମାନେ ହିଁ ଗୋଟିଏ କାର୍ଯ୍ୟର ସମୀକ୍ଷା କରିବେ, ଅର୍ଥାତ୍ ସେମାନେ ଗୋଟିଏ ଖୋଲା ମଞ୍ଚରେ କାର୍ଯ୍ୟର ଦୋଷତ୍ରୁଟି ବା ହିସାବ ସମ୍ବନ୍ଧରେ ଯାହା କିଛି ପ୍ରଶ୍ନ ପଚାରିବେ, ସଂପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କାର୍ଯ୍ୟକର୍ତ୍ତା ତହିଁର କୈଫିୟତ୍ ଦେବାକୁ ବାଧ୍ୟ । ବର୍ତ୍ତମାନ ଦେଶର ସମସ୍ତ ଗ୍ରା.ପ.ରେ କାର୍ଯ୍ୟକାରୀ ହେଉଥିବା ଏନ୍.ଆର୍.ଇ,ଜି.ଏ.-୨୦୦୫ର ମାର୍ଗଦର୍ଶୀକାରେ ସାମାଜିକ ସମୀକ୍ଷାର ବିଶଦ୍ ଅବତାରଣା କରାଯାଇଛି । ଏଥିରେ କୁହାଯାଇଛି ଯେ, ସାମାଜିକ ସମୀକ୍ଷାର ରିପୋର୍ଟ ସନ୍ତୋଷଜନକ ନହେଲେ ମଞ୍ଜୁର ହୋଇଥିବା ଅର୍ଥରାଶିର ପରବର୍ତ୍ତୀ କିସ୍ତିର ପଇଠକୁ ସ୍ଥଗିତ ରଖାଯାଇ ପାରିବ ଏବଂ ସର୍ବସାଧାରଣ ଅର୍ଥ ହଡପ୍ କରିଥିବା ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ସେମାନଙ୍କ ଠାରୁ ହଡପ୍ ଅର୍ଥକୁ ଉଦ୍ଧାର କରାଯିବ । ସୁତରାଂ ଗୋଟିଏ ଗ୍ରା.ପ.ର କାର୍ଯ୍ୟକର୍ତ୍ତାଙ୍କ ପକ୍ଷେ ଉଭୟ ଆର୍ଥିକ ସମୀକ୍ଷା ଓ ସାମାଜିକ ସମୀକ୍ଷା ପାଇଁ ନିଜକୁ ସୁପ୍ରସ୍ତୁତ କରି ରଖିବାକୁ ପଡିବ ।